# ବି.ଜେ.ପି ଓ ଆନ୍ଧ୍ର ପ୍ରଦେଶ ବିଭାଜନ

ତା.୨୧.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଲାଗି ରାଜନୈତିଜ୍ଞ ତଥା ଗଣମାଧ୍ୟମ ମାନେ ରାଜନୈତିକ ଲାଭ କ୍ଷତିର ହିସାବ ନିକାଶ କରିବାବେଳେ ମୁଁ ଉକ୍ତ ସ୍ଥାନର ଅଧିବାସୀଙ୍କ ମାନସିକତା ତଥା ଆଶା ପୂର୍ତ୍ତିକୁ ଲକ୍ଷ୍ୟ କରି ବେଶ ଆନନ୍ଦିତ । ଉକ୍ତ ନିଷ୍ପତ୍ତି ନେବାରେ ଅଧିକ ବିଳମ୍ବତା ହୁଏତ ସମସ୍ୟାକୁ ଅହୁରି ଗମ୍ଭୀର କରିଦେଇଥାଆନ୍ତା ।

ଗତ କିଛି ବର୍ଷ ଧରି କଂଗ୍ରେସ ଯେଉଁ ଭଳି ପନ୍ଥାରେ ତେଲେଙ୍ଗାନା ସମସ୍ୟାକୁ ସମାଧାନ କରୁଅଛି ତାହା ହିଁ ସମସ୍ୟା ଉପୁଜିବାର ମୁଖ୍ୟ କାରଣ । ଏନ.ଡ଼ି.ଏ ଶାସନ କାଳରେ ଛିତିଶଗଡ଼, ଝାଡ଼ଖଣ୍ଡ ଓ ଉତ୍ତରାଖଣ୍ଡ ଏହି ତିନୋଟି ରାଜ୍ୟକୁ ଖୁବ ଶାନ୍ତିପୂର୍ଣ୍ଣ ପଦ୍ଧତିରେ ବିଭାଜନ କରାଯାଇଥିଲା ଏବଂ ସେଥିପାଇଁ ତିନୋଟି ରାଜ୍ୟର ବିଧାନ ସଭାର ସଦସ୍ୟମାନଙ୍କଠାରୁ ସର୍ବସମ୍ମତି ପ୍ରସ୍ତବ ମଧ୍ୟ ଗ୍ରହଣ କରାଯାଇଥିଲା । ହେଲେ ତେଲେଙ୍ଗାନା କ୍ଷେତ୍ରରେ ତାହା ହୋଇ ପାରିଲାନାହିଁ । ଆନ୍ଧ୍ର ପ୍ରଦେଶ ଭାରତର ସବୁଠାରୁ ବଡ଼ ଉଦ୍ୟୋଗୀ ରାଜ୍ୟ । ତେଣୁ ସମସ୍ୟାର ସମାଧାନ ସମୟରେ ରାଜନୈତିକ ହାନି ଲାଭ ଓ ବିଚକ୍ଷଣତା ଉଭୟ ଦୃଷ୍ଟିରୁ ଦେଖି ପନ୍ଥା ଆପଣାଇବାକୁ ଥିଲା । ବି.ଜେ.ପି ର ରାଜ୍ୟ ୟୁନିଟ ଦୀର୍ଘ ୩୦ ବର୍ଷ ଧରି ତେଲେଙ୍ଗାନା ଗଠନ ପାଇଁ ପ୍ରତିଶ୍ରୁତି ଦେଇଆସିଛି । ୨୦୦୬ ମସିହାରେ କେନ୍ଦ୍ରୀୟ ବି.ଜେ.ପି ଦଳ ମଧ୍ୟ ଉକ୍ତ ଦାବିକୁ ସମର୍ଥନ କରିବା ପରେ ଦୁଇଟି ପ୍ରସ୍ତାବ ଉପସ୍ଥାପନା କରିଥିଲେ । ପ୍ରଥମତଃ ତେଲେଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ଓ ଦ୍ୱିତୀୟତଃ ବିଭାଜନ ପରେ ଅର୍ଥନୈତିକ ଦୃଷ୍ଟିକୋଣରୁ ଯେଣୁ ସୀମାନ୍ଧ୍ରକୁ ଅନେକ କ୍ଷତି ସହ୍ୟ କରିବାକୁ ହେବ ତେଣୁ ତାହାକୁ ଯଥୋଚିତ ନ୍ୟାୟ ପ୍ରଦାନ କରିବା । ବର୍ତ୍ତମାନ ତେଲେଙ୍ଗାନାର ଅଧିବାସୀ ନୂତନ ରାଜ୍ୟ ଗଠନ ନେଇ ଏବଂ ହାଇଦ୍ରାବାଦ ତାଙ୍କର ସାଧାରଣ ରାଜଧାନୀ ହୋଇଥିବା ହେତୁ ଆନନ୍ଦିତ ଅଛନ୍ତି ତଥାପି ସୀମାନ୍ଧ୍ରର ସ୍ୱାର୍ଥକୁ କେବେ ମଧ୍ୟ ଅଣଦେଖା କରାଯାଇ ପାରେନାହିଁ । ସେଠାରେ ଶାସନ କ୍ଷମତା କାଉଁସିଲର ମନ୍ତ୍ରୀ ମଣ୍ଡଳ ପାଖରେ ନରଖି ବରଂ ରାଜ୍ୟପାଳଙ୍କ ହାତରେ ରଖାଯିବା ନେଇ ଏକ ସାମ୍ବିଧାନିକ ସଂଶୋଧନ ନିହାତି ଜରୁରୀ । ଏହା ବ୍ୟତୀତ ସୀମାନ୍ଧ୍ରର ଅର୍ଥନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଆଗାମୀ ୫ ବର୍ଷ ପାଇଁ ଉକ୍ତ ରାଜ୍ୟକୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବା ଉଚିତ । ସେଠାରେ ପୁଞ୍ଜି ଲଗାଣ ଓ କରଦାନରେ ରିହାତି

ଆଦି ବ୍ୟବସ୍ଥା ମଧ୍ୟ କରାଯିବା ଆବଶ୍ୟକ । ବିଶେଷ କରି ରୟାଲସୀମା, ଉତ୍ତର ଉପକୂଳବର୍ତ୍ତୀ ଅଞ୍ଚଳ ଓ ପୋଲାଭରମ ଅଞ୍ଚଳରେ ଅଧିକ ସୁବିଧା ସୁଯୋଗ ଯୋଗାଇବା, ସେଠାରେ ପୁନଃନିର୍ମାଣ, ଅଧିବାସୀଙ୍କ ପୁନଃଥଇଥାନ ପ୍ରତି ମଧ୍ୟ ଯତ୍ନଶୀଳ ହେବା ସହ ଯେ ପର୍ଯ୍ୟନ୍ତ ୧୪ତମ ଆର୍ଥିକ କମିଶନ ତାହାର ଅନୁଦାନ ନଦେଇଛି ସେପର୍ଯ୍ୟନ୍ତ ଦେଶର ଅନ୍ୟ ଅଞ୍ଚଳ ଓ ସେଠାରେ ଥିବା ସମ୍ପଦ ମଧ୍ୟରେ ଥିବା ପାର୍ଥକ୍ୟକୁ  କେନ୍ଦ୍ର ସରକାରଙ୍କ ତରଫରୁ ନିୟନ୍ତ୍ରଣ କରାଯିବା ଆବଶ୍ୟକ ପୁଣି ସେଠାକାର ଜନତାଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି । ତାହା ପରେ ଯାଇଁ ସୀମାନ୍ଧ୍ର ପାଇଁ ସ୍ୱତନ୍ତ୍ର ରାଜଧାନୀ ଦାବି କରାଯାଇ ପାରିବ । ଏଥିପାଇଁ ମଧ୍ୟ ବି.ଜେ.ପି ପୂର୍ବୋପରି ଗୁରୁଦାୟିତ୍ୱ ବହନ କରିବ । ଯଦିଓ ଆନ୍ଧ୍ର ପ୍ରଦେଶରେ ବି.ଜେ.ପି ର ଖୁବ ଛୋଟ ୟୁନିଟ ରହିଛି ତଥାପି ସେମାନେ ଖୁବ ଦାୟିତ୍ୱପୂର୍ଣ୍ଣ ଭାବରେ ଏହାର ବିଭାଜନର ଗୁରୁଦାୟିତ୍ୱ ବହନ କରିଛନ୍ତି ।